# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**19 December – 2025**

**************************************

## ମୁଖ୍ୟ ସମ୍ବାଦ

- ହାଇଦ୍ରାବାଦରେ ଅନୁଷ୍ଠିତ 'ଓଡ଼ିଶା ନିବେଶକ ସମ୍ମିଳନୀ'ରେ ରାଜ୍ୟରେ ୬୭ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ; ସୃଷ୍ଟି ହେବ ୫୬ ହଜାର ନିଯୁକ୍ତି ସୁଯୋଗ

- ସୁଶାସନ ଏବଂ ନିରନ୍ତର ବିକାଶ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ; କହିଲେ ମୁଖ୍ୟମନ୍ତ୍ରୀ

— ଭୁବନେଶ୍ୱରରେ ଆରମ୍ଭ ହେଲା ଆଂଚଳିକ ଏଆଇ ପ୍ରଭାବ ସମ୍ମିଳନୀ

- ଶେଷ ହେଲା ସଂସଦର ଶୀତକାଳୀନ ଅଧିବେଶନ

ଏବଂ

- ଘନ କୁହୁଡି ହେବା ନେଇ ୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

# ନିବେଶକ ସମ୍ମିଳନୀ-ମୁଖ୍ୟମନ୍ତ୍ରୀ

ପୂର୍ବୋଦୟର ଜାତୀୟ ଦୃଷ୍ଟିକୋଣ ଅଧୀନରେ ଓଡ଼ିଶା ଏକ ପ୍ରମୁଖ ନିବେଶସ୍ଥଳ ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ହାଇଦ୍ରାବାଦରେ ଅନୁଷ୍ଠିତ 'ଓଡ଼ିଶା ନିବେଶକ ସମ୍ମିଳନୀ'ରେ ନିବେଶକମାନଙ୍କ ସହ ଆଲୋଚନା କରି ଶ୍ରୀ ମାଝୀ କହିଛନ୍ତି, ଓଡ଼ିଶା ଭାରତର ଅଭିବୃଦ୍ଧି ଇଞ୍ଜିନ ହେବାକୁ ପ୍ରସ୍ତୁତ। ଏହି ସମ୍ମିଳନୀ ଏକ ଦୀର୍ଘକାଳିନ ସହଭାଗିତା ନିର୍ମାଣ କରିବାର ମଂଚ ପ୍ରଦାନ କରୁଛି। ନୀତିଗତ ସ୍ଥିରତା, ସହଜ ଶାସନ ଢ଼ାଞ୍ଚା ଏବଂ ରାଜ୍ୟକୁ ଭବିଷ୍ୟତ ପାଇଁ ନିବେଶର ଗନ୍ତବ୍ୟସ୍ଥଳ ଭାବରେ ପ୍ରସ୍ତୁତ କରିବା ଉପରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ୨୭ ହଜାର ୬୫୦ କୋଟି ମୂଲ୍ୟର ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ୧୫ ହଜାର ୯୦୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାସହ ୩୯ ହଜାର ୧୩୧ କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ରହିଛି। ଏହାଦ୍ୱାରା ୪୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅକ୍ଷୟଶକ୍ତି, ଖାଦ୍ୟ ପ୍ରକ୍ରିୟାକରଣ, ଯାନବାହାନ ଉତ୍ପାଦନ, ଜୀବବିଜ୍ଞାନ, ଧାତୁ, ଔଷଧ ନିର୍ମାତା ଆଦି କମ୍ପାନୀମାନଙ୍କ ସହ ରାଜ୍ୟରେ ନିବେଶ ପାଇଁ ଆଲୋଚନା ହୋଇଛି । ଅଂଶଗ୍ରହଣକାରୀମାନେ ଓଡ଼ିଶାର ନୂତନ ଫାର୍ମା ନୀତିକୁ ସ୍ୱାଗତ କରିବା ସହ ଏହି ଯାତ୍ରାରେ ସହଭାଗୀ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଏଆଇ

ସୁଶାସନ ଏବଂ ନିରନ୍ତର ବିକାଶ ପାଇଁ କୃତ୍ରିମ ବୁଦ୍ଧିମତ୍ତା-ଏଆଇର ବ୍ୟବହାର ଗୁରୁତ୍ୱ ବହନ କରେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜିଠାରୁ ଦୁଇଦିନିଆ 'ଆଂଚଳିକ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ' ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ଆଭାସୀ ଜରିଆରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି, ଲୋକ ସଶକ୍ତୀକରଣ ଏବଂ ପ୍ରଭାବଶାଳୀ ଲୋକସେବା ଉପଲବ୍ଧ କରାଇବା ପାଇଁ ଦାୟିତ୍ୱସମ୍ପନ୍ନ ଏଆଇର ବ୍ୟବହାର ନେଇ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ। ଏହି ସମ୍ମିଳନୀ ରାଜ୍ୟର ନବସୃଜନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ସହ ଭବିଷ୍ୟତରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ସାମଗ୍ରୀକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି।

## ଏଆଇ ସମ୍ମିଳନୀ- ମୁକେଶ ମହାଲିଙ୍ଗ

ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାର  କାର୍ଯ୍ୟକାରୀତା ନେଇ କୃତ୍ରିମ ବୁଦ୍ଧିମତ୍ତା-ଏଆଇର ସହାୟତା ନିଆଯିବ ବୋଲି ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। 'ଆଂଚଳିକ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ'ରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ କୃତ୍ରିମ ବୁଦ୍ଧିମତ୍ତା-ଏଆଇ ମଡ୍ୟୁଲ ଟୁଲ'ର ବ୍ୟବହାର କରାଯିବ। ଏଆଇ ମାଧ୍ୟମରେ ସୁଭଦ୍ରା ଯୋଜନାରେ ବ୍ୟବହାର ହୋଇଥିବା ଅର୍ଥ ଏବଂ ହିତାଧିକାରୀଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରାଯିବ।  ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା, ମହିଳା ଓ ଶିଶୁ

ବିକାଶ, ସଂସଦୀୟ ବ୍ୟାପାର ବିଭାଗରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଆଗାମୀ ଦିନରେ ରାଜ୍ୟର ୪୧ଟି ବିଭାଗରେ ଏଆଇର ଉପଯୋଗ କରାଯିବ। ଓଡ଼ିଆ ଭାଷାକୁ ଏଆଇରେ ଆଣିବା ଓ ଭାଷାଦାନ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

## କୋଟିଆ-ରାଜସ୍ୱମନ୍ତ୍ରୀ

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି କୋରାପୁଟ ଜିଲ୍ଲା କୋଟିଆ ଗସ୍ତ କରିଛନ୍ତି। ଚଳିତମାସ ଶେଷ ସପ୍ତାହରେ ହେବାକୁ ଥିବା କୋଟିଆ କମିଟି ବୈଠକ ପୂର୍ବରୁ ମନ୍ତ୍ରୀ ଶ୍ରୀ ପୂଜାରୀ ତୃଣମୂଳସ୍ତରରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସ୍ଥିତି ସମୀକ୍ଷା କରୁଛନ୍ତି। ଜିଲ୍ଲା-ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା ଆଧାରରେ ପରବର୍ତ୍ତୀ ବୈଠକରେ ମତାମତ ଅନୁଯାୟୀ ବିଭିନ୍ନ ବିକାଶମୂଳକ ଯୋଜନା ନେଇ ପଦକ୍ଷେପ ନିଆଯିବ। କୋଟିଆରେ ଅନଧିକାର ପ୍ରବେଶ ବନ୍ଦ କରିବା ସହ ଜନସାଧାରଣଙ୍କୁ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସଂସଦ ମୁଲତବୀ

୧୯ଦିନ ଧରି ଚାଲିଥିବା  ସଂସଦର ଶୀତକାଳୀନ ଅଧିବେଶନ ଆଜି ଶେଷ ହୋଇଛି । ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି ।  ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଯାପନୀ ଦିବସରେ ଉଦ୍‌ବୋଧନ ଦେଇ କହିଛନ୍ତି, ଏହି ଅଧିବେଶନ କାଳରେ ୧୫ଟି କାର୍ଯ୍ୟଦିବସରେ ୧୧୧ ପ୍ରତିଶତ କାର୍ଯ୍ୟଦକ୍ଷତା ମିଳିପାରିଛି । ଶାନ୍ତିଶୃଙ୍ଖଳାର ସହ ଗୃହ ପରିଚାଳନାରେ ସହଯୋଗ କରିଥିବାରୁ ବାଚସ୍ପତି ଶ୍ରୀ ବିର୍ଲା  ସମସ୍ତ ସାଂସଦମାନଙ୍କୁ  ଧନ୍ୟବାଦ ଜଣାଇଛନ୍ତି ।

ରାଜ୍ୟସଭା ଅଧକ୍ଷ ସି.ପି. ରାଧାକୃଷ୍ଣନ ତାଙ୍କ ଉଦ୍‌ଯାପନୀ ଭାଷଣରେ କହିଛନ୍ତି, ଗୃହ ମୋଟ୍ ୯୨ଘଣ୍ଟା ଚାଲିଥିଲା ଏବଂ ୧୨୧ ପ୍ରତିଶତ କାର୍ଯ୍ୟଦକ୍ଷତା ରେକର୍ଡ ହୋଇଛି । ଏହି ଅଧିବେଶନରେ ଅଣଷଠିଟି ବିଲ୍ ଆଗତ ହେବା ସହ ଐତିହାସିକ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧ ରଖୁଥିବା ବିଭିନ୍ନ ଗୁଣାତ୍ମକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ବୋଲି ଶ୍ରୀ ରାଧାକୃଷ୍ଣନ କହିଛନ୍ତି ।  ଅଧିବେଶନ କାଳରେ ନିର୍ବାଚନୀ ସଂସ୍କାର ଓ ଜାତୀୟ ଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ ଏକ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା ।

# ଜି ରାମ୍ ଜି ବିଲ୍ ପାରିତ

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ୍ ପାଇଁ ଗ୍ୟାରେଣ୍ଟି ଅଭିଯାନ ଗ୍ରାମୀଣ – ଭି.ବି- ଜି.ରାମ୍.ଜି. ବିଲ୍-୨୦୨୫ ସଂସଦର

ଅନୁମୋଦନ ଲାଭ କରିଛି । ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଅଧୀନରେ ଏକ ଗ୍ରାମୀଣ ବିକାଶ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହା ସହାୟକ ହେବ । ପୂର୍ବରୁ ରହିଥିବା ୧୦୦ ଦିନର ନିଶ୍ଚିତ ନିଯୁକ୍ତି ବ୍ୟବସ୍ଥାକୁ ଏଥିରେ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ଏଥିରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦-୪୦ ଅନୁପାତରେ ପାଣ୍ଠି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି ବିଲ୍ ସରକାରଙ୍କ ଦ୍ୱାରା ନିଆଯାଇଥିବା ଏକ କ୍ରାନ୍ତିକାରୀ ପଦକ୍ଷେପ ଯାହା, ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି.....

**- V/O - (**କିରେନ୍ ରିଜିଜୁ**)**

ସମାଜର ଅବହେଳିତ ବର୍ଗର ବିକାଶ ଲାଗି ସରକାର ଅବିରତ ପ୍ରଚେଷ୍ଟା ଜାରି ରଖିଛନ୍ତି। ଭି.ବି.-ଜି.ରାମ୍.ଜି. ବିଲ୍ ୨୦୨୫ ଲାଗି ପର୍ଯ୍ୟାପ୍ତ ପାଣ୍ଠି ୧ ଲକ୍ଷ ୫୧ ହଜାର ୨୮୨ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ବିଲ୍‌କୁ ସ୍ୱାଗତ କରି ନୟାଗଡ଼ ଜିଲ୍ଲା ଦଶପଲ୍ଲାର **ସବିତା ବେହେରା** କହିଛନ୍ତି......

**- V/O –**

## ରାଜ୍ୟପାଳ

ଜୀବନରେ ଆସୁଥିବା ଜଟିଳତାର ସମ୍ମୁଖୀନ ହେବା ପାଇଁ ଯୁବପିଢ଼ି ନିଜକୁ ପ୍ରସ୍ତୁତ ରଖିବା ଆବଶ୍ୟକ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। **ଗଞ୍ଜାମ** ଜିଲ୍ଲା ଗୋଲନ୍ଥରାସ୍ଥିତ ଏକ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହରେ ଆଜି ଯୋଗଦେଇ ରାଜ୍ୟପାଳ ୫ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ, ୩ ଜଣଙ୍କୁ ରୌପ୍ୟ ପଦକ ଏବଂ ୩୩୫ ଜଣ

ଛାତ୍ରଛାତ୍ରୀଙ୍କୁ ଡ୍ରିଗୀ ପ୍ରଦାନ କରିଛନ୍ତି । ଏହି ସମାରୋହରେ ଏ.ଆଇ.ସି.ଟି.ଇ ଉପାଧ୍ୟକ୍ଷ ତଥା ଶିକ୍ଷା ମନ୍ତ୍ରଣାଳୟର ମୁଖ୍ୟ ନବସୃଜନ ଅଧିକାରୀ ଡକ୍ଟର ଅଭୟ ଜେରେ ପ୍ରମୁଖ ଉପସ୍ଥିତ ଥିଲେ ।

## ନିର୍ବାଚନ ସମୀକ୍ଷା

ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ **ଖୋର୍ଦ୍ଧା** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସାଧାରଣ ପୌରସଂସ୍ଥା ଓ ପଂଚାୟତ ନିର୍ବାଚନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଯୋଗଦେଇ ନିର୍ବାଚନ ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ ।

## ଇଗ୍ନୋ ନାମଲେଖା

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋ ପକ୍ଷରୁ ୨୦୨୬ ଶିକ୍ଷାବର୍ଷ ପାଇଁ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗ୍ରହୀ ଛାତ୍ରଛାତ୍ରୀ ଆସନ୍ତା ଜାନୁୟାରୀ ୩୧ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ ।

ଆଗ୍ରହୀ ଛାତ୍ରଛାତ୍ରୀ ଇଗ୍ନୋ ୱେବ୍‌ସାଇଟ୍ www.ignou.ac.in କିମ୍ବା ଫୋନ୍ ନମ୍ବର-୦୬୭୪-୨୯୭୧୦୭୧ କିମ୍ବା ୨୩୦୧୩୪୮ କୁ ଫୋନ୍ କରି ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିପାରିବେ ବୋଲି ଇଗ୍ନୋ ଭୁବନେଶ୍ୱରର ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ଡକ୍ଟର ମନୋଜ କୁମାର ଦାସ ସୂଚନା ଦେଇଛନ୍ତି ।

## ମୃତ୍ତିକା ସମୀକ୍ଷା

ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିକାଶ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା **ବୌଦ୍ଧ** ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟଠାରେ  ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲାରେ ଚାଲିଥିବା ବିଭିନ୍ନ ଜଳଛାୟା ବିକାଶ ପ୍ରକଳ୍ପଗୁଡ଼ିକର ଶ୍ରୀ ପଣ୍ଡା କ୍ଷେତ୍ର ପରିଦର୍ଶନ କରିଛନ୍ତି।

## ଗଜପତି ମହୋତ୍ସବ

ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ମୁନୀନ୍ଦ୍ର ହୋନାଗାଙ୍କ ଅଧ୍ୟକ୍ଷତାରେ **ଗଜପତି** ମହୋତ୍ସବ-୨୦୨୫ ସମ୍ପର୍କରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏଥିରେ ଯୋଗଦେଇ ଜିଲ୍ଲାର ସ୍ଥାନୀୟ କଳାକାରମାନଙ୍କୁ ଲୋକଲୋଚନକୁ ଆଣିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି। ଆସନ୍ତା ଜାନୁୟାରୀ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଗଜପତି ଷ୍ଟାଡିୟମ୍‌ଠାରେ ଏହି ଉତ୍ସବ ପାଳିତ ହେବ।

## ରେଡକ୍ରସ

**ଗଜପତି** ଜିଲ୍ଲା ରାୟଗଡ଼ ବ୍ଲକ୍ ସରକାରୀ ଉଚ୍ଚ ବିଦ୍ୟାଳୟ ଗଣ୍ଡାହାତୀଠାରେ ୩ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ୍‌ର ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି।  ଶିବିରରେ ୪୫୦ ଜଣ କନିଷ୍ଠ ଏବଂ ୧୭୦ ଜଣ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ଶିବିରରେ ଯୋଗଦେଇ ରେଡକ୍ରସର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

## କ୍ରୀଡା ଉତ୍ସବ

**ବୌଦ୍ଧ** ଜିଲ୍ଲା କ୍ରୀଡାସଂଘର ବାର୍ଷିକ କ୍ରୀଡା ଉତ୍ସବକୁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଜିଲ୍ଲା ଷ୍ଟାଡିୟମ୍‌ଠାରେ ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜ ଓ କ୍ଲବ୍‌ରୁ ୫୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଆଜି ପ୍ରଥମ ଦିନରେ ୩୫୦ ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜି ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ର ୬ ଦଶମିକ ୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡି ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, କନ୍ଧମାଳ ଓ ସମ୍ବଲପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।